# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**10 September - 2024**

**News Editor : Itishree Singh Rathaur**

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଲଘୁଚାପଜନିତ ବର୍ଷା ମୁକାବିଲା ଓ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ବିଧାନସଭାରେ ଆଗତ ବ୍ୟୟ ମଞ୍ଜୁରୀ ବିଧେୟକ ଉପରେ ଆଲୋଚନା ଜାରି
- ପୁରୀ ଜିଲ୍ଲା ଡେଲାଙ୍ଗରେ ପ୍ରତିଷ୍ଠା ହେବ ୫ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ; ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଛତିଶଗଡ ଆଡକୁ ଅଗ୍ରସର

## ମୁଖ୍ୟମନ୍ତ୍ରୀ-ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ପ୍ରକୋଷ୍ଠରେ ଆଜି ଲଘୁଚାପଜନିତ ବର୍ଷାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ଓ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଓଡ୍ରାଫ, ଏନ୍‌ଡିଆରଏଫ୍ ଓ ଅଗ୍ନିଶମବାହିନୀର ସହାୟତାରେ ଲୋକଙ୍କ ସମସ୍ୟାକୁ ଦୂର କରିବା ପାଇଁ  ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବ୍ୟାପକ ମାତ୍ରାରେ ରିଲିଫ୍ ସାମଗ୍ରୀ ମହଜୁଦ୍ ରଖିବା ପାଇଁ ସେ ପରାମର୍ଶ ଦେଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଠିକ୍ ଭାବେ ଜଳ ନିଷ୍କାସନ ହୋଇ ପାରୁ ନଥିବାରୁ ବହୁସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। କୋରାପୁଟ ଓ ମାଲକାନଗିରି ଜିଲ୍ଲାବାସୀ ବର୍ଷା ଯୋଗୁଁ ଅଧିକ ପ୍ରଭାବିତ ହୋଇଛନ୍ତି।  ଏହି ବୈଠକରେ ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂ ମୁଖ୍ୟମନ୍ତ୍ରୀଙ୍କୁ ବର୍ଷାସ୍ଥିତି ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।

## ବନ୍ୟା ସ୍ଥିତିରେ ସୁଧାର

**ମାଲକାନଗିରି** ଜିଲ୍ଲାରେ ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ନେଇ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ, ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣସିଂ ମୀନା ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ସେଠୀ କହିଛନ୍ତି, ମାଲକାନଗିରି ଜିଲ୍ଲାରେ ସ୍ଥିତିରେ ସୁଧାର ଆସିଛି।

ପ୍ରଭାବିତ ଅଞ୍ଚଳରେ ବର୍ତ୍ତମାନସୁଦ୍ଧା ୧୪ଟି ଆଶ୍ରୟସ୍ଥଳକୁ ୧ ହଜାର ୭୮୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୬ଟି ଓଡ୍ରାଫ ଓ ୭ଟି ଅଗ୍ନିଶମବାହିନୀ ମୁତୟନ ଅଛନ୍ତି। ଏହି ଦଳ ୧୬୨ ଜଣଙ୍କୁ ଉଦ୍ଧାର କରିଛନ୍ତି। ସେଥିମଧ୍ୟରୁ ୫୪ ଜଣ ଗର୍ଭବତୀ ଉଦ୍ଧାର ହୋଇଛନ୍ତି। ସମସ୍ତଙ୍କୁ ଆଶ୍ରୟସ୍ଥଳରେ ରଖାଯାଇଛି ବୋଲି ଶ୍ରୀ ସେଠୀ କହିଛନ୍ତି। ସେ କହିଛନ୍ତି, ଉଦ୍ଧାର ଲୋକଙ୍କ ରହିବା ଖାଇବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ସାପକାମୁଡା ଇଞ୍ଜେକ୍ସନ୍ ମଧ୍ୟ ମହଜୁଦ୍ ରହିଛି।

# - V/O -

ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ଆଜି ସୁଦ୍ଧା ମୋଟ୍ ୧୧୩ଟି କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଥିବାବେଳେ ୩ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ବହୁ ଚାଷଜମି ଜଳମଗ୍ନ ରହିଛି।

ସେହିପରି କୋରାପୁଟ ଜିଲ୍ଲାରେ ୧୨୧ଟି ଗ୍ରାମର ୭୫୩ ଜଣ ଲୋକ ଚଳିତ ବର୍ଷା ଓ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଦୁଇଟି ଆଶ୍ରୟସ୍ଥଳକୁ ୫୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।

ଅପରପକ୍ଷରେ, ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧ ହଜାର ୫୧୮ ଫୁଟ୍ ଥିବାବେଳେ ବର୍ତ୍ତମାନ ଏଥିରେ ୧ ହଜାର ୫୦୭ ଫୁଟ୍ ଜଳସ୍ତର ରହିଛି। ଆସନ୍ତାକାଲି ସକାଳ ୯ଟାରେ ଏଠାରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏଥିପାଇଁ ବନ୍ଧ ତଳମୁଣ୍ଡରେ ରହୁଥିବା

ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ପୋଟେରୁ ବୃହତ୍ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ।

## ବିଧାନସଭା-ବ୍ୟୟ ମଞ୍ଜୁରୀ ବିଧେୟକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି। ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହେବା ପରେ ଚଳିତବର୍ଷ ପାଇଁ ବଜେଟ୍‌କୁ ଅନୁମୋଦନ ମିଳିବ। ଉଭୟ ଶାସକ ଏବଂ ବିରୋଧୀ ଦଳ ସଦସ୍ୟମାନେ ବିଧେୟକ ଉପରେ ଆଲୋଚନାରେ ସାମିଲ ହୋଇଛନ୍ତି। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ଦେବା ପରେ ବିଧେୟକ ପାରିତ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ଆର୍ଥିକ ବଜେଟ୍‌ର ପରିମାଣ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ରହିଛି ।

## ବିଧାନସଭା-ବାଘ/ହାତୀ ମୃତ୍ୟୁ

ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଏବେ ସୁଦ୍ଧା ୨୭ଟି ମହାବଳ ବାଘ ରହିଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୦୨ ମସିହାରେ ପାଦଚିହ୍ନ ପଦ୍ଧତିରେ ଓଡ଼ିଶାରେ ହୋଇଥିବା ବାଘ ଗଣନା ଅନୁଯାୟୀ, ରାଜ୍ୟରେ ୧୭୩ଟି ମହାବଳ ଥିଲେ। ୨୦୦୬ ମସିହାରେ, ପ୍ରଥମ ଥର ପାଇଁ ସର୍ବଭାରତୀୟ ସ୍ତରରେ କ୍ୟାମେରା ଟ୍ରାପ୍ ପଦ୍ଧତିରେ ହୋଇଥିବା ଗଣନାରୁ ରାଜ୍ୟରେ ୪୫ଟି

ମହାବଳ ଠାବ କରାଯାଇଥିଲା। ତେବେ ୨୦୨୪ ଗଣନାରୁ ୮ଟି ଶାବକ ସମେତ ୨୭ଟି ମହାବଳ ବାଘ  ଥିବା ଜଣାପଡିଛି। ସେହିଭଳି ଗତ ୧୦ ବର୍ଷ ମଧ୍ୟରେ, ମଧ୍ୟପ୍ରଦେଶରୁ ୨ଟି ମହାବଳ ଅଣାଯାଇଥିବାବେଳେ ଓଡ଼ିଶାରୁ ଅନ୍ୟ ରାଜ୍ୟକୁ କୌଣସି ବାଘ ପଠାଯାଇନାହିଁ। ୨୦୧୩  ମସିହାରୁ ୨୦୨୪ ମଧ୍ୟରେ ରାଜ୍ୟରେ ୪୮ଟି କଲରାପତରିଆ ବାଘ ଓ ୭ଟି ମହାବଳ ବାଘଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିଭଳି ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୧ ହଜାର ୧୪୫ଟି ହାତୀଙ୍କର ମୃତ୍ୟୁ ହୋଇଛି। ୭୧୯ଟି ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଥିବାବେଳେ ୪୧ଟି ହାତୀ ଶିକାରୀଙ୍କ ଦ୍ୱାରା ମରିଥିବା ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି।

## ବିକାଶମୂଳକ ପ୍ରକଳ୍ପ ପାଇଁ ଗଛକଟା

ରାଜ୍ୟରେ ବିକାଶମୂଳକ ପ୍ରକଳ୍ପ ପାଇଁ ଗତ ୨୩ ବର୍ଷରେ ୨୬ ଲକ୍ଷ ୭୫ହଜାରରୁ ଅଧିକ ଗଛ କଟାଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂହ ଖୁଂଟିଆ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି,  ୪୨୮ଟି ପ୍ରକଳ୍ପ ନିର୍ମାଣ ପାଇଁ ଅଧିକାଂଶ ସ୍ଥାନରେ ବିଜୁଳି ସେବା ଓ ଖଣି ଖନନ ଲାଗି ଗଛ କଟାଯାଇଥିଲା।

## ପାନୀୟ ଜଳ ପ୍ରକଳ୍ପ

**ପୁରୀ** ଜିଲ୍ଲା ଡେଲାଙ୍ଗ ବ୍ଲକ୍‌ରେ ୫ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ହେବ। ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ପାନୀୟ ଜଳ

ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଦୟା ନଦୀରେ ଜଳଭଣ୍ଡାର ନିର୍ମାଣ ହେବ। ଦୟା ନଦୀରୁ ଜଳ ଉଠାଣ ପାଇଁ ୫ଟି ପ୍ରକଳ୍ପ ହେବ ବୋଲି ବିଧାନସଭାରେ  ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଇଏଚ୍ଏଫ୍-ମୁଖ୍ୟମନ୍ତ୍ରୀ

ଅନ୍ତର୍ଜାତୀୟ ହକି ମହାସଂଘର ସଭାପତି ତାଇବ ଇକ୍ରାମ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି।   ସାମାଜିକ ଗଣମାଧ୍ୟରେ ଏକ ଫଟୋ ସେୟାର କରି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏହି ସାକ୍ଷାତ ଅବସରରେ ଓଡିଶାରେ ହକିର ବିକାଶକୁ ଆଗକୁ ନେବା ଉପରେ  ଫଳପ୍ରଦ ଆଲୋଚନା ହୋଇଛି। କ୍ରୀଡା ଭିତ୍ତିଭୂମି ବୃଦ୍ଧି ଓ ପ୍ରତିଭା ବିକାଶରେ ଉନ୍ନତି ଆଣିବା ଏବଂ ଖେଳାଳିଙ୍କୁ ଅଧିକ ସୁଯୋଗ ପ୍ରଦାନ ପାଇଁ ନୂତନ ପଦକ୍ଷେପ ଉପରେ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## କଣ୍ଟେନର ଅନୁଧ୍ୟାନ

**ପୁରୀ** ପେଣ୍ଠକଟା ବେଳାଭୂମିରେ ଲାଗିଥିବା କଣ୍ଟେନରକୁ ଆଜି ସ୍ୱତନ୍ତ୍ର ଅନୁଧ୍ୟାନ ଟିମ୍ ଉପସ୍ଥିତିରେ ଯାଞ୍ଚ କରାଯାଇଛି।  ପ୍ରୋଟୋକଲ ଅନୁସାରେ, ଆଜି କୋଷ୍ଟଗାର୍ଡ, ବନ୍ଦର ଅଧିକାରୀ, ପୁଲିସ୍ ଓ ପ୍ରଶାସନିକ ଅଧିକାରୀ ମିଳିତଭାବେ କଣ୍ଟେନର ଅନୁଧ୍ୟାନ କରିଥିବାବେଳେ ସେଥିରେ ରହିଥିବା ଅବଶିଷ୍ଟ ସାମଗ୍ରୀଗୁଡ଼ିକୁ ଜବତ କରାଯାଇଛି। ଭଗ୍ନ ଅବସ୍ଥାରେ ଥିବା ଏହି କଣ୍ଟେନରରେ କିଛି ଗ୍ରୀଜ୍ ଅୟେଲ୍ ଓ ଖାଦ୍ୟ ସାମଗ୍ରୀ ଥିବା ନେଇ ଏକ ରିପୋର୍ଟ ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ଗତ ୫ ତାରିଖରେ କଣ୍ଟେନର କୂଳରେ ଲାଗିବା ପରେ ଏହାର ସୁରକ୍ଷା ପାଇଁ ପୁଲିସ୍ ମୁତୟନ କରାଯାଇଥିଲା ।

## ଜନ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା** ଜିଲ୍ଲା ଲଇକେରା ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲା ପ୍ରଶାସନ ତରଫରୁ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ସ୍ମିତ୍ ପି. ପରମାର୍ ଅଭିଯୋଗଗୁଡ଼ିକର ଶୁଣାଣି କରି ତତ୍କାଳ ସମାଧାନ କରିଥିଲେ ।

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଶୁଣାଣି ହୋଇଥିଲା ।  ସମୁଦାୟ ୨୬ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୬ଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା ।

## ସୁଭଦ୍ରା ସଚେତନତା ରଥ

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରିଥିବା ସୁଭଦ୍ରା ସଚେତନତା ରଥକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି । ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଓ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ରଥର ଶୁଭାରମ୍ଭ କରିଛନ୍ତି । ୩ଟି ବ୍ଲକ୍‌ରେ

୩ଟି ରଥ ପରିକ୍ରମା କରି ସୁଭଦ୍ରା ଯୋଜନା ନେଇ ସଚେତନତା କାର୍ଯ୍ୟ କରୁଛି। ମହିଳାଙ୍କ କଲ୍ୟାଣ ପାଇଁ ସରକାର ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି, ଯୋଜନା ସମ୍ପର୍କିତ ସମସ୍ତ ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ସମଗ୍ର ଜିଲ୍ଲାରେ ଏହି ରଥ ପରିକ୍ରମା କରୁଛି  ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବଜ୍ରପାତ

ଚାଷଜମିରେ କାମ କରୁଥିବାବେଳେ ଆଜି ଅପରାହ୍ଣରେ ବଜ୍ରପାତ ହେବାରୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଡୁମାପଦା ଗାଁର ଦୁଇଜଣ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।  ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।  ବେତନଟୀ ପୁଲିସ୍ ୨ଟି ପୃଥକ୍ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତର ରୂପ ନେବା ପରେ କ୍ରମଶଃ ଦୁର୍ବଳ ହୋଇ ଛତିଶଗଡ଼ ଆଡକୁ ଅଗ୍ରସର ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ

ବଜ୍ରପାତ ସହ ବର୍ଷା ହେବାର  ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

*********************************